**ଅଘୋଷିତ ବିଜୁଳି କାଟ, ଉପଭୋକ୍ତା ହନ୍ତସନ୍ତ**

**ରମ୍ଭା:** ରମ୍ଭା ସମେତ ଆଖପାଖ ଗ୍ରାମାଞ୍ଚଳ ଗୁଡ଼ିକରେ କ୍ରମାଗତ ଭାବେ କିଛିଦିନ ଧରି ଅଘୋଷିତ ବିଜୁଳି କାଟ ଓ ଲୋ-ଭୋଲଟେଜକୁ ଉପଭୋକ୍ତା ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ବିଜୁଳି ବିଭାଗର ଅଧିକାରୀ ଓ କର୍ମଚାରୀମାନେ ସାଧାରଣ ଲୋକ ଓ ଉପଭୋକ୍ତାମାନଙ୍କ ସମସ୍ୟାକୁ ଦୂରୀକରଣ ନ କରିବା ଯୋଗୁ ଲୋକମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ହେଉଛି। ତୁରନ୍ତ ଉକ୍ତ ସମସ୍ୟାର ଦୂରୀକରଣ ଉପରେ ବିଭାଗୀୟ ଉଚ୍ଚ ପଦସ୍ତ ଅଫିସର ବିଶେଷ ଦୃଷ୍ଟି ଦେବା ଜରୁରୀ ବୋଲି ଜନସାଧାରଣରେ ଦାବି ହେଉଛି।

## ସଂକ୍ଷେପରେ

### ପରିତ୍ୟକ୍ତ ଘରୁ ୧୦୦ ଘନଫୁଟ ପଟା ଜବତ



ବ୍ରହ୍ମପୁର ଅଫିସ,୯।୮: ବ୍ରହ୍ମପୁର ବନଖଣ୍ଡ ଅଧୀନ ରେଗିଡି ଛକରୁ ବନ ବିଭାଗ ଏକ ପରିତ୍ୟକ୍ତ ଘରୁ ୧୦୦ ଘନଫୁଟ କାଠ ପଟା ଜବତ କରିଛି। ଏନେଇ ବ୍ରହ୍ମପୁର ବନଖଣ୍ଡ ଅଧିକାରୀ ଅମ୍ଲାନ ନାୟକ ସୋମବାର ସୂଚନା ଦେଇଛନ୍ତି। ସହକାରୀ ବନ ସଂରକ୍ଷକ ଏ.ମାଧବିଲତାଙ୍କ ନେତୃତ୍ୱରେ ମୋବାଇଲ୍ ସ୍କ୍ୱାର୍ଡ ଓ ବ୍ରହ୍ମପୁର ବନ ଖଣ୍ଡ ରେଞ୍ଜ, ଖଲ୍ଲିକୋଟ ରେଞ୍ଜ, ପୁରୁଷୋତ୍ତମପୁର ରେଞ୍ଜ କର୍ମଚାରୀ ଚଢ଼ାଉ କରିଥିଲେ। ସମ୍ପୃକ୍ତ ପରିତ୍ୟକ୍ତ ଘରୁ ୮୦ ଘନଫୁଟ ଶାଳ ପଟା ଓ ୨୦ ଘନଫୁଟ ଅନ୍ୟାନ୍ୟ କାଠ ପଟା ଜବକ କରାଯାଇଥିଲା। ଉକ୍ତ ଘର ମାଲିକ କିଏ ସେ ନେଇ ବନବିଭାଗ ଘୋଳତାଡ ଜାରି ରଖିଛି।

### ଫେରାର ଅଭିଯୁକ୍ତ ଗିରଫ

ବ୍ରହ୍ମପୁର ଅଫିସ,୯।୮: ଜାମିନ ବିହୀନ ଗିରଫ ପରୱାନା(ୱାରେଣ୍ଟ)ବଳରେ ଜଣେ ଫେରାର ଅଭିଯୁକ୍ତଙ୍କୁ ଟାଉନ ଥାନା ପୋଲିସ ଗିରଫ କରିଛି। ଯୁବକ ଜଣଙ୍କ ଗେଟ୍‌ବଜାର ଅଞ୍ଚଳର ଅନିଲ କୁମାର ପାଣିଗ୍ରାହୀ। ୧୧ବର୍ଷ ଧରି ଫେରାର ଥିବା ଅଭିଯୁକ୍ତଙ୍କୁ ପୋଲିସ ଜିଆର୍ କେସ୍ ନଂ.୨୪୨/୧୦ ବଳରେ ସୋମବାର ଗିରଫ ପରେ କୋର୍ଟଚାଲାଣ କରିଛି। ୨୦୧୦ରେ ଦିଗପହଣ୍ଡି ଅଞ୍ଚଳରେ ହୋଇଥିବା ଦୁର୍ଘଟଣାରେ ଜଣେ ଲୋକଙ୍କ ମୃତ୍ୟୁ ଘଟିଥିଲା। ପୋଲିସ ଏନେଇ ଅନିଲଙ୍କ ନାମରେ ଏକ ମାମଲା ରୁଜୁ କରିଥିଲା। ଘଟଣା ପରଠାରୁ ସେ ଫେରାର ଥିଲେ ବୋଲି ପୋଲିସ କୋର୍ଟରେ ଦାଖଲ କରିଥିବା ଚାର୍ଜଶିଟରେ ଉଲ୍ଲେଖ କରିଥିଲା। ପରେ କୋର୍ଟ ପକ୍ଷରୁ ଅନିଲଙ୍କ ବିରୋଧରେ ଏନ୍‌ବିଡବ୍ଲ୍ୟୁ ଜାରି କରାଯାଇଥିଲା।

### ଟ୍ରକ୍ ମାଡ଼ିଯାଇ ଯୁବକଙ୍କ ମୃତ୍ୟୁ

ଗୋପାଳପୁର,୯।୮(ଡି.ଏନ.ଏ.): ଡେଥ୍ ଜୋନ ଭାବେ ପରିଚିତ ଜଗନ୍ନାଥପୁର ଛକଠାରୁ ଗିରିସୋଲା ପର୍ଯ୍ୟନ୍ତ ୧୬ ନମ୍ବର ଜାତୀୟ ରାଜପଥରେ ସୋମବାର ପୁଣି ଦୁର୍ଘଟଣା ଘଟିଛି। ଏକ ଅଣ୍ଡା ବୋଝେଇ ଟ୍ରକ୍ ମାଡ଼ିଯିବାରୁ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ସେ ହେଲେ ବ୍ରହ୍ମପୁର ପଣ୍ଡା କଲୋନୀ ଦ୍ୱିତୀୟ ଲାଇନର କୃଷ୍ଣ ଚନ୍ଦ୍ର ପଣ୍ଡା। କୃଷ୍ଣ ନିଜ ବାଇକ୍‌ରେ କୌଣସି କାମରେ ଗୋଳନ୍ଥରା ଆସି ବ୍ରହ୍ମପୁର ଫେରୁଥିବା ସମୟରେ କନିଷି ଗାଁ ନିକଟରେ ସାମ୍ନାପଟୁ ଆସୁଥିବା ଏକ ବାଇକ୍ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ସେ ରୋଡ଼ରେ ଛିଟିକି ପଡିଯାଇଥିଲେ। ଏହି ସମୟରେ ବିଶାଖାପାଟଣାରୁ କଲିକତା ଅଭିମୁଖେ ଆସୁଥିବା ଏକ ଅଣ୍ଡା ବୋଝଇ ଟ୍ରକ (ନଂ ଏପି ୩୦ଟିୱାଇ -୧୬୩୮) ତାଙ୍କ ଉପରେ ମାଡ଼ିଯାଇଥିଲା। ଘଟଣାସ୍ଥଳରେ କୃଷ୍ଣଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ବାଇକ ଚାଳକ ଚମ୍ପଟ ମାରିଥିଲା। ଗୋଳନ୍ଥରା ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ମେଡିକାଲ ପଠାଇବା ସହ ଟ୍ରକ ଏବଂ ବାଇକକୁ ଜବତ କରିଛି। ଏ ନେଇ ନଂ. ୨୧୭/୨୧ରେ ମାମଲା ରୁଜୁ ହୋଇଛି।

# ବଦଳିଛି ଶିକ୍ଷାନୁଷ୍ଠାନ, ବଦଳିନି ଫଳକ

- ଶିକ୍ଷା ଭିତ୍ତିଭୂମି ନ ଥାଇ ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ
- ଓଏସ୍‌ଡି ସମେତ ୧୧୮ ଅଣଶିକ୍ଷକ ପଦ ଖାଲି
- ଆବଶ୍ୟକ ପ୍ରଫେସର, ଅଧାପକ ନିଯୁକ୍ତି ପାଇଁ ଦାବି

ବ୍ରହ୍ମପୁର ଅଫିସ,୯।୮

ରେଶମ ସହର ବ୍ରହ୍ମପୁରରେ ୧୪୩ ବର୍ଷ ତଳେ ପ୍ରତିଷ୍ଠିତ ଖଲ୍ଲିକୋଟ ମହାବିଦ୍ୟାଳୟକୁ ଦୀର୍ଘବର୍ଷର ପ୍ରବଳ ଦାବି ପରେ ରାଜ୍ୟ ସରକାର ଏକକ ବିଶ୍ୱବିଦ୍ୟାଳୟ କରିଛନ୍ତି। ଆବଶ୍ୟକ ଶିକ୍ଷା ଭିତ୍ତିଭୂମି ନ ଥାଇ ଏହା ଉଦ୍‌ଘାଟନର ସୋମବାର ୯ ଦିନ ବିତିଛି। ଅପରପକ୍ଷରେ ଶିକ୍ଷାନୁଷ୍ଠାନ ବଦଳି ଥିଲେ ମଧ୍ୟ ମୁଖ୍ୟ ଫାଟକ ପାଖରେ ଥିବା ନାମ ଫଳକ ବଦଳା ଯାଇ ନ ଥିବା ଲକ୍ଷ୍ୟ କରାଯାଇଛି। ନୂଆ ବିଶ୍ୱବିଦ୍ୟାଳୟରେ କେବଳ ପ୍ରଫେସର, ପ୍ରାଧ୍ୟାପକ ଓ ଅଧ୍ୟାପକ ଅଭାବ ନୁହେଁ ବର୍ଷ ବର୍ଷ ଧରି ଶତାଧିକ ଅଣଶିକ୍ଷକ ପଦ ମଧ୍ୟ ଖାଲି ପଡ଼ିଛି। ହେଡକ୍ଲର୍କ ଓ ଅଫିସ ସୁପରିଣ୍ଟେଣ୍ଡେଣ୍ଟ ପଦବୀ ପୂରଣ କରାଯାଇ ନ ଥିବା ଅନୁଧ୍ୟାନରୁ ଜଣାପଡ଼ିଛି।

ପୂର୍ବ ମହାବିଦ୍ୟାଳୟ ଓ ବର୍ତ୍ତମାନର ବିଶ୍ୱବିଦ୍ୟାଳୟରେ ୧୮୦ ମଞ୍ଜୁରୀ ଅଣଶିକ୍ଷକ କର୍ମଚାରୀଙ୍କ ମଧ୍ୟରୁ ଏବେ ମାତ୍ର ୬୨ ଜଣ ଅଛନ୍ତି। ସେହିପରି ୧୮ ବିଭାଗରୁ ୧୧ଟିରେ ବର୍ଷ ବର୍ଷ ଧରି ପ୍ରଫେସର ନାହାନ୍ତି। ୭୭ ଅଧ୍ୟାପକ ସ୍ଥଳେ ମାତ୍ର ୨୬ ଜଣରେ ପାଠପଢ଼ା ଚାଲିଛି। ଏଭଳି ବିପର୍ଯ୍ୟସ୍ତ ଉଚ୍ଚ ଶିକ୍ଷା ବ୍ୟବସ୍ଥା ମଧ୍ୟରେ ସ୍ୱୟଂଶାସିତ କଲେଜକୁ ଏକକ ବିଶ୍ୱବିଦ୍ୟାଳୟର ମାନ୍ୟତା ଦିଆଯାଇଛି। ତାହା ପୁଣି ୧୨ ବର୍ଷ ତଳେ ହୋଇଥିବା ବୃହତ୍ ଛାତ୍ର ଆନ୍ଦୋଳନ ଯୋଗୁ ଏହା ସମ୍ଭବ ହୋଇଥିବା ପୂର୍ବତନ ଛାତ୍ର ସଂସଦ ନେତାଙ୍କ ପକ୍ଷରୁ ଟିପ୍ପଣୀ ଦିଆଯାଇଛି। ପ୍ରାକ୍ତନ ଛାତ୍ରନେତା ଆଇନଜୀବୀ ପୀତବାସ ପଣ୍ଡା ସୂଚନା ଅଧିକାର ଆଇନ (ଆର୍‌ଟିଆଇ) ବଳରେ ପାଇଥିବା ତଥ୍ୟରୁ ଶିକ୍ଷକ ଓ ଅଣଶିକ୍ଷକ ପଦବୀଗୁଡ଼ିକ ଖାଲି ପଡ଼ିଥିବା ଶିକ୍ଷାନୁଷ୍ଠାନ ପକ୍ଷରୁ ସ୍ୱୀକାର କରାଯାଇଛି।

ଚଳିତ ମାସ ୧ ତାରିଖରେ ଏକକ ବିଶ୍ୱବିଦ୍ୟାଳୟ ଉଦ୍‌ଘାଟନ ସମାରୋହରେ ରାଜ୍ୟ ଉଚ୍ଚଶିକ୍ଷା ବିଭାଗ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର ଯୋଗ ଦେଇଥିଲେ। ଦୁଇବର୍ଷ ମଧ୍ୟରେ ସମସ୍ତ ଭିତ୍ତିଭୂମି ବିକାଶ ଏବଂ ସମସ୍ୟା ସମାଧାନ କରାଯିବାର ସୂଚନା ଦେଇଥିଲେ। ତେବେ ଦୁଇବର୍ଷ ଏହି ବିଶ୍ୱବିଦ୍ୟାଳୟରେ କିଭଳି ଶିକ୍ଷା ଦାନ ହେବ ସେନେଇ ପଣ୍ଡା ପ୍ରଶ୍ନ କରିଛନ୍ତି। ପ୍ରାୟ ୫ ହଜାର ଛାତ୍ରୀଛାତ୍ର ଅଧ୍ୟୟନ କରୁଥିବା ଏକକ ବିଶ୍ୱବିଦ୍ୟାଳୟରେ ଗୁଣାତ୍ମକ ଶିକ୍ଷା ସେମାନେ ପାଇବାରୁ ବଞ୍ଚିତ ହେବାର ସେ ଆଶଙ୍କା କରିଛନ୍ତି। ଖୁବ୍‌ଶୀଘ୍ର ସବୁ ପଦବୀ ସରକାର ପୂରଣ କରିବାକୁ ଦାବି କରାଯାଇଛି। ଅନ୍ୟପକ୍ଷରେ ସହରର କେତେଜଣ ଶିକ୍ଷାବିତ ଓ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ କହିବାନୁସାରେ କଲେଜରୁ ବିଶ୍ୱବିଦ୍ୟାଳୟ କରାଯିବା ସ୍ୱାଗତଯୋଗ୍ୟ ପଦକ୍ଷେପ। ପର୍ଯ୍ୟାୟକ୍ରମେ ସରକାର ସମସ୍ତ ପଦକ୍ଷେପ ନେବେ। ତେଣୁ ଆରମ୍ଭରୁ ବିରୋଧ ବା ସମାଲୋଚନା ଅନାବଶ୍ୟକ।

# ସେଣ୍ଟ ଜାଭିୟର ସ୍କୁଲ ଅଧକ୍ଷଙ୍କୁ ଘେରିଲେ ଅଭିଭାବକ

## ସିବିଏସ୍‌ଇ ଯୁକ୍ତ ୨ ପରୀକ୍ଷା ମାର୍କ ତ୍ରୁଟି ନେଇ ଅସନ୍ତୋଷ



ସେଣ୍ଟ ଜାଭିୟର ସ୍କୁଲ ସମ୍ମୁଖରେ ଅଭିଭାବକ ଓ ଛାତ୍ରୀଛାତ୍ର।

ବ୍ରହ୍ମପୁର ଅଫି.୯।୮

ସିବିଏସ୍‌ଇ ଯୁକ୍ତ ୨ ପରୀକ୍ଷା ଫଳରେ ତ୍ରୁଟି ଥିବା ଅଭିଯୋଗରେ ବ୍ରହ୍ମପୁର ଆମ୍ବପୁଆସ୍ଥିତ ସେଣ୍ଟ ଜାଭିୟର ସ୍କୁଲ ଅଧକ୍ଷଙ୍କୁ ସୋମବାର ଛାତ୍ରୀଛାତ୍ର ଓ ଅଭିଭାବକ ଘେରାଉ କରିଥିଲେ। ଛାତ୍ରୀଛାତ୍ର ଓ ଅଭିଭାବକଙ୍କ ଅଭିଯୋଗ ହେଲା, ସ୍କୁଲ କର୍ତ୍ତୃପକ୍ଷ ସିବିଏସ୍‌ଇ ବୋର୍ଡକୁ ଛାତ୍ରୀଛାତ୍ରଙ୍କ ଠିକ୍ ମାର୍କ ପ୍ରଦାନ କରିନାହାନ୍ତି। ଫଳରେ ଛାତ୍ରୀଛାତ୍ରଙ୍କ ମାର୍କ କମିଥିବା ଅଭିଯୋଗ ହୋଇଛି। ଅନ୍ୟପଟେ ଯେଉଁମାନଙ୍କର ପରୀକ୍ଷା ଫଳ ଖରାପ ହୋଇଛି, ସେମାନେ ଆସନ୍ତା ୧୫ ତାରିଖରେ ଅଫଲାଇନ୍‌ରେ ପରୀକ୍ଷା ଦେବା ପାଇଁ ବୋର୍ଡ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। କିନ୍ତୁ ଖୁବ କମ୍ ସମୟ ମଧ୍ୟରେ ପୁଣି ଥରେ ପରୀକ୍ଷା ଦେଇ ଆଶାନୁରୂପ ଫଳ ପାଇବା ସମ୍ଭବ ନୁହେଁ ବୋଲି ଛାତ୍ରୀଛାତ୍ର କହିଛନ୍ତି। ଏଣୁ ସ୍କୁଲ କର୍ତ୍ତୃପକ୍ଷ ସିବିଏସ୍‌ଇ ବୋର୍ଡକୁ ଦେଇଥିବା ମାର୍କର ବିବରଣୀ ଦେବାକୁ ଅଭିଭାବକମାନେ ଦାବି କରିଥିଲେ। କିନ୍ତୁ ସ୍କୁଲ କର୍ତ୍ତୃପକ୍ଷ ଏହାକୁ ଅଣଦେଖା କରିବା ସହ ଏ ବାବଦରେ କୌଣସି ସହଯୋଗ କରିବେ ନାହିଁ ବୋଲି କହିଥିଲେ। ଯାହାକୁ ନେଇ ଅଭିଭାବକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖିବାକୁ ମିଳିଥିଲା। ଆଗାମୀ ଦିନରେ ସ୍କୁଲ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଯଦି ମାର୍କର ବିବରଣୀ ପ୍ରଦାନ କରା ନ ଯାଏ ତେବେ ଆନ୍ଦୋଳନ କରାଯିବ ବୋଲି ଅଭିଭାବକମାନେ ଚେତାବନୀ ଦେଇଛନ୍ତି। ଏନେଇ ସ୍କୁଲ ଅଧକ୍ଷ ଉଦୟ ଶଙ୍କର ପଣ୍ଡାଙ୍କ ସହ ଯୋଗାଯୋଗ କରିବାରୁ ମଙ୍ଗଳବାର ସିବିଏସ୍‌ଇ ବୋର୍ଡ ଉଚ୍ଚ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିବେ ବୋଲି କହିଛନ୍ତି।

# ନୀଳକଣ୍ଠନଗର ଛାତ୍ରୀଛାତ୍ରଙ୍କ ସଫଳତା




ଉତ୍ତୀର୍ଣ୍ଣ ଛାତ୍ରୀଛାତ୍ର।

ବ୍ରହ୍ମପୁର ଅଫିସ,୯।୮

**ଜେଇଇ ମେନ୍**
- ୩ୟ ପର୍ଯ୍ୟାୟ ଯୁଗ୍ମ ପ୍ରବେଶିକା ପରୀକ୍ଷା

ଚଳିତ ବର୍ଷ ନ୍ୟାଶନାଲ୍ ଟେଷ୍ଟିଂ ଏଜେନ୍ସି ଦ୍ୱାରା ହୋଇଥିବା ଜେଇଇ ମେନ୍ ତୃତୀୟ ପର୍ଯ୍ୟାୟ ଯୁଗ୍ମ ପ୍ରବେଶିକା ପରୀକ୍ଷାରେ ବ୍ରହ୍ମପୁର ନୀଳକଣ୍ଠନଗର ସରସ୍ୱତୀ ବିଦ୍ୟା ମନ୍ଦିର ଛାତ୍ରୀଛାତ୍ର ସଫଳତା ହାସଲ କରିଛନ୍ତି। ଏହି ପରୀକ୍ଷା ଅନ୍‌ଲାଇନ୍‌ରେ ଜୁଲାଇ ୨୦ରୁ ୨୭ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ଏଥିରେ ୪୦ ଛାତ୍ରୀଛାତ୍ର ସର୍ବୋତ୍ତମ ପାରଦର୍ଶିତା ପ୍ରଦର୍ଶନ କରିଛନ୍ତି । ବିଭୁ କଲ୍ୟାଣ ସାହୁ ୯୯.୦୪%, କେ. ପ୍ରଜ୍ୱଳ ସୁବୁଦ୍ଧି ୯୮.୮୮%, ଅମିତ କୁମାର ପାତ୍ର ୯୮.୪୮%, ସାହେବ ସତ୍ୟପ୍ରକାଶ ୯୮.୧୬%, ଆଦିତ୍ୟ ସାହୁ ୯୮.୦୧%, ସୌରଭ ଜାମି ୯୭.୦୧%, ବିକାଶ ରଞ୍ଜନ ପ୍ରଧାନ ୯୭.୮୫%, ମଳୟ କୁମାର ସାହୁ ୯୭.୭୭%, ଆୟୁଷ ଜେନା ୯୭.୪୦%, ଶିବରଞ୍ଜନ ଭରଦ୍ୱାଜ ୯୬.୯୮%, ଏ. ତୋଷାରତ ପାତ୍ର ୯୬.୫୮%, ମୁକେଶ କୁମାର ସାହୁ ୯୬.୫୪%, ଶୁଭମ ମହାଙ୍କୁଡ଼ ୯୬.୨୯%, ଶିବପ୍ରସାଦ ପାଣି ୯୫.୬୪%, ପି. ଶୋଭନ କୁମାର ୯୫.୦୫%, ମନୋରଞ୍ଜନ ପଣ୍ଡା ୯୫.୦୦%, ପବିତ୍ର କୁମାର ବେବର୍ତ୍ତା ୯୪.୯୧%, ସୌମ୍ୟକାନ୍ତ ପୃଷ୍ଟି ୯୪.୭୩%, ପ୍ରତୀକ ରଥ ୯୪.୬୫%, ଓମ୍‌କାର ପ୍ରିୟଦର୍ଶୀ ସ୍ୱାଇଁ ୯୪.୬୩%, ପ୍ରଜ୍ଞାସ୍ମିତା ମହାରଣା ୯୪.୨୬%, ଅର୍ପିତା ସ୍ୱାଇଁ ୯୪.୧୩% ଏବଂ ୯୦%ରୁ ୯୩% ମଧ୍ୟରେ ୧୩ ଜଣ ଛାତ୍ରୀଛାତ୍ର ଭାରତର ସର୍ବୋତ୍କୃଷ୍ଟ ବୈଷୟିକ ଅନୁଷ୍ଠାନରେ ନାମ ଲେଖାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି । ଏହି ସଫଳତା ପାଇଁ ପ୍ରାଧ୍ୟାପକ ଗଙ୍ଗାଧର ପରିଡ଼ା, ଆଲୋକ ବଳ, ଅନିଲ କୁମାର ବିଶ୍ୱାଳ, ସରୋଜ କୁମାର, ନାଗେସ୍ ବାବୁ, ରାଜେନ୍ଦ୍ର କୁମାର ନାୟକ, ସ୍ନେହାଶିଷ ଭୂୟାଁ, କଲ୍ୟାଣ ଚକ୍ରବର୍ତ୍ତୀ, ପ୍ରଶାନ୍ତ ସାହୁ, ସନ୍ତୋଷ କୁମାର ପଣ୍ଡା, ସୌମ୍ୟପ୍ରକାଶ ସାହୁ, ପ୍ରତାପ କୁମାର ପାତ୍ର, ଜି. ସୁରେଶଙ୍କ ଉଦ୍ୟମ ପ୍ରଶଂସନୀୟ। ସଫଳତା ପାଇଁ ବହୁ ଅଭିଭାବକଙ୍କ ସମେତ ପରିଚାଳନା କମିଟି ସଭାପତି ଡ. ଶ୍ରୀକାନ୍ତ ମହାପାତ୍ର, ଉପସଭାପତି ଡ. ହରିକୃଷ୍ଣ ନାୟକ, ସମ୍ପାଦକ ନାରାୟଣ ପଣ୍ଡା, ଯୁଗ୍ମ ସମ୍ପାଦିକା ଇଂ. ମମତା ପାଣିଗ୍ରାହୀ, କୋଷାଧକ୍ଷ ରବୀନ୍ଦ୍ରନାଥ ଜେନା, ସଦସ୍ୟ ନୀଳକଣ୍ଠ ସାହୁ, ସଦସ୍ୟା ବାସନ୍ତୀ ବେହେରା, ଉପଦେଷ୍ଟାମଣ୍ଡଳୀ ସୁଦର୍ଶନ ପାଢ଼ୀ, ଧର୍ମରାଜ ସାହୁ, ନରସିଂହ ଚୌଧୁରୀ, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ବି.ଗଜପତି ରାଓ, ହରିକୃଷ୍ଣ ପାଢ଼ୀ, ଅଧକ୍ଷ ଏସ୍.ମୋହନ ରାଓ, ପ୍ରାଧାନାଚାର୍ଯ୍ୟ ଉମାଧବ ମହାନ୍ତି, ଅଧକ୍ଷ ସୁବ୍ରତ କୁମାର ପାଣିଗ୍ରାହୀ ଓ କୋଚିଂ ଡିଭିଜନ୍‌ର ସମସ୍ତ ସଦସ୍ୟଙ୍କୁ ଆନ୍ତରିକ ଅଭିନନ୍ଦନ ଜ୍ଞାପନ କରିଛନ୍ତି ।

### ଲକ୍‌ଡାଉନରେ କ୍ଷତିଗ୍ରସ୍ତ ବ୍ୟବସାୟୀଙ୍କୁ କ୍ଷତିପୂରଣ ଦାବି

ଫୁଲବାଣୀ ଅଫିସ, ୯।୮

କରୋନା ଲାଗି ହୋଇଥିବା ଲକ୍‌ଡାଉନ, ଶଟ୍‌ଡାଉନ ଯୋଗୁ ବିଭିନ୍ନ ବ୍ୟବସାୟୀ କ୍ଷତିଗ୍ରସ୍ତ ହୋଇଛନ୍ତି। ବିଶେଷ କରି ଏହି ସମୟରେ ସେଲୁନ, ସ୍ପା, ବିୟୁଟିପାର୍ଲର, ଜିମ୍ ବ୍ୟବସାୟୀଙ୍କ ବହୁ କ୍ଷତି ହୋଇଛି । ସେହିପରି ଯାତ୍ରା ଅନୁଷ୍ଠାନ ବନ୍ଦ ଯୋଗୁ କଳାକାରମାନେ ପ୍ରଭାବିତ ହୋଇଛନ୍ତି। ଏମାନଙ୍କୁ ଗତ ୬ ମାସର ୫ ହଜାର ଲେଖାଏ ପ୍ରତ୍ୟେକଙ୍କୁ ୩୦ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ ଏବଂ ଅନ୍ୟାନ୍ୟ ଦାବି ନେଇ ଦାବିପତ୍ର ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ନବ ନିର୍ମାଣ କୃଷକ ସଂଗଠନ ପକ୍ଷରୁ ପ୍ରଦାନ କରାଯାଇଛି । ବିୟୁଟିପାର୍ଲର, ସେଲୁନ୍, ଜିମ୍, କଳାକାରଙ୍କୁ ଲୋନ ଦିଆଯାଇ ଏମ୍‌ଏସ୍‌ଏମ୍‌ଇ ଅନ୍ତର୍ଭୁକ୍ତ କରାଯାଉ । ଯେଉଁମାନେ ଚଳିତବର୍ଷ ଋଣ ନେଇଛନ୍ତି, ସେମାନଙ୍କୁ ଶୁଝିବା ପାଇଁ ୨ ବର୍ଷ ସମୟ ଦିଆଯାଉ । ଯାତ୍ରା ଚାଲୁ କରିବା ପାଇଁ ନାଇଟ କର୍ଫ୍ୟୁ ତୁରନ୍ତ ପ୍ରତ୍ୟାହାର କରିବା, କଳାକାର ଭତ୍ତା ୩୦୦୦କୁ ବୃଦ୍ଧି ଆଦି ଦାବିପତ୍ରରେ ଉଲ୍ଲେଖ କରାଯାଇଛି । ସଂଗଠନ ଜିଲା ସଭାପତି ଚାଣକ୍ୟ କହଁରଙ୍କ ନେତୃତ୍ୱରେ ବଳରାମ ଦିଗାଲ, ପବିତ୍ର ପ୍ରଧାନ, ମନୋରଞ୍ଜନ ପ୍ରଧାନ, ଜଳନ୍ଧର କହଁର, ଅଚ୍ୟୁତ ଜାନୀ, ଭାସ୍କର ପ୍ରଧାନ, ଉମା ଚରଣ କହଁର ପ୍ରମୁଖ ଦାବିପତ୍ର ପ୍ରଦାନ କରିଥିଲେ ।

### ବ୍ୟବସାୟୀଙ୍କୁ ଡଷ୍ଟବିନ୍ ପ୍ରଦାନ

ପୁରୁଷୋତ୍ତମପୁର,୯।୮(ଡି.ଏନ.ଏ.)

ପୁରୁଷୋତ୍ତମପୁର ଏନ୍‌ଏସି ପକ୍ଷରୁ ନିର୍ବାହୀ ଅଧିକାରୀ ସୌମ୍ୟ ରଞ୍ଜନ ମିଶ୍ରଙ୍କ ତତ୍ତ୍ୱାବଧାନରେ ସୋମବାର ବ୍ୟବସାୟୀଙ୍କୁ ଡଷ୍ଟବିନ୍ ପ୍ରଦାନ କରାଯାଇଛି। ବ୍ୟବସାୟୀମାନେ ସେମାନଙ୍କ ବର୍ଜ୍ୟବସ୍ତୁକୁ ଏଣେତେଣେ ନ ପକାଇ ଡଷ୍ଟବିନ୍‌ରେ ରଖି ଏନ୍‌ଏସିର ମଇଳା ସଫା ଗାଡ଼ିକୁ ଦେବା ଲାଗି ସହରରେ ଥିବା ସମସ୍ତ ବ୍ୟବସାୟୀଙ୍କୁ ଦୁଇ ଗୋଟି ଲେଖାଏ ଡଷ୍ଟବିନ୍ ଦିଆଯାଇଛି। ଏହାକୁ ସ୍ୱଚ୍ଛ ସାଥୀ ପ୍ରତିମା ବେହେରା, ସୁମତି ପଣ୍ଡା, ପ୍ରମିଳା ନାୟକ, ସବିତା ବେହେରା, ପୁଷ୍ପାଞ୍ଜଳି ମହାପାତ୍ର ପ୍ରମୁଖ ବୁଲିବୁଲି ବ୍ୟବସାୟୀଙ୍କୁ ସଚେତନ କରି ବଣ୍ଟନ କରୁଛନ୍ତି।

# ବ୍ରହ୍ମପୁର-ପୁରୀ ପାସେଞ୍ଜର ଟ୍ରେନ୍ ଦାବି

## ବ୍ରହ୍ମପୁର ଷ୍ଟେଶନ ପ୍ରବନ୍ଧକଙ୍କୁ ଦାବିପତ୍ର



ଷ୍ଟେଶନ ପ୍ରବନ୍ଧକଙ୍କୁ ଦାବିପତ୍ର ପ୍ରଦାନ।

ବ୍ରହ୍ମପୁର ଅଫିସ,୯।୮

ବ୍ରହ୍ମପୁର ସଂସ୍କାରବାଦୀ ଅନୁଷ୍ଠାନ ପକ୍ଷରୁ ବ୍ରହ୍ମପୁର-ପୁରୀ ପାସେଞ୍ଜର ଟ୍ରେନ୍ ଚଳାଚଳ ନେଇ ଏକ ୭ ଦଫା ଦାବିପତ୍ର ସୋମବାର ବ୍ରହ୍ମପୁର ରେଳ ଷ୍ଟେଶନ ପ୍ରବନ୍ଧକ ଦୁର୍ଗା ପ୍ରସାଦ ବ୍ରହ୍ମାଙ୍କୁ ପୂର୍ବତଟ ରେଳପଥ ଖୋର୍ଦ୍ଧା ରୋଡ ଡିଆର୍‌ଏମ୍‌ଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି। ବ୍ରହ୍ମପୁର-ପୁରୀ ସ୍ୱତନ୍ତ୍ର ପାସେଞ୍ଜର ଟ୍ରେନ୍, ପଲାସା-ଭୁବନେଶ୍ୱର ମେମୋ ଟ୍ରେନରୁ ସଂରକ୍ଷଣ ବ୍ୟବସ୍ଥା ଉଚ୍ଛେଦ କରି ପୂର୍ବଭଳି ପାସେଞ୍ଜର ଟ୍ରେନ ଭଡ଼ା, ପ୍ଲାଟଫର୍ମ ଟିକେଟ ୧୦ ଟଙ୍କାରେ ବିକ୍ରି, ସମସ୍ତ ପାସେଞ୍ଜର ଓ ଇଣ୍ଟରସିଟି ଟ୍ରେନ ଚଳାଚଳ, ଦ୍ରୁତଗାମୀ ଟ୍ରେନଗୁଡ଼ିକରେ ଦ୍ୱିତୀୟ ଶ୍ରେଣୀ ବଗିର ସମସ୍ତ ଏକକ ସିଟ୍ ବରିଷ୍ଠ ନାଗରିକଙ୍କ ପାଇଁ ସଂରକ୍ଷଣ, ୨ ଓ ୩ ନଂ. ପ୍ଲାଟଫର୍ମରେ ମହିଳା, ବରିଷ୍ଠ ନାଗରିକ, ଭିନ୍ନକ୍ଷମ ଓ ସାଧାରଣ ଯାତ୍ରୀଙ୍କ ପାଇଁ ପରିସ୍ରାଗାର, ବରିଷ୍ଠ ନାଗରିକଙ୍କ କ୍ଷେତ୍ରରେ ପୂର୍ବବତ୍ ଭଳି ୪୦% ପୁରୁଷ ଓ ୫୦% ମହିଳାଙ୍କ ପାଇଁ ସଂରକ୍ଷଣ, ଷ୍ଟେଶନ ବାହାରେ ଗ୍ରୀନ୍ ଶେଡ୍ ନିର୍ମାଣ ସହ ଶୌଚାଳୟ, ପରିସ୍ରାଗାର, ବିଶ୍ରାମାଗାର ଓ ପାନୀୟ ଜଳ ବ୍ୟବସ୍ଥା ତୁରନ୍ତ କରିବା ପାଇଁ ସଂଘ ପକ୍ଷରୁ ଦାବି ହୋଇଛି। ଦାବିପତ୍ର ପ୍ରଦାନ ସମୟରେ ସଂଘ ସଭାପତି ତ୍ରିନାଥ ମହାରଣା, ସମ୍ପାଦକ ଲଳିତ ମୋହନ ସାହୁ, ସୀମାଞ୍ଚଳ ପତି, ଶିବ ପ୍ରସନ୍ନ ମିଶ୍ର, ସନ୍ତୋଷ କୁମାର ମହାନ୍ତି, ପୂର୍ଣ୍ଣ ଚନ୍ଦ୍ର ଚୌଧୁରୀଙ୍କ ସମେତ ସଂଘର ବହୁ ସଦସ୍ୟ ଉପସ୍ଥିତ ଥିଲେ।

# ନଗର କଂଗ୍ରେସ ପକ୍ଷରୁ କ୍ରାନ୍ତି ଦିବସ

ବ୍ରହ୍ମପୁର ଅଫିସ,୯।୮



ଦଳୀୟ କର୍ମୀଙ୍କ ପକ୍ଷରୁ ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ।

ବ୍ରହ୍ମପୁର ନଗର କଂଗ୍ରେସ ପକ୍ଷରୁ ସୋମବାର ବାପୁଜୀ ଆଶ୍ରମଠାରେ କ୍ରାନ୍ତି ଦିବସ ପାଳିତ ହୋଇଯାଇଛି। ଦଳ ପକ୍ଷରୁ ଆଶ୍ରମ ପରିସରରେ ଥିବା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇ ଦଳୀୟ ପତାକା ଉତ୍ତୋଳନ କରି ଜାତୀୟ ସଂଗୀତ ଗାନ କରାଯାଇଥିଲା। ଏଥିସହ ସହରର ବିଭିନ୍ନ ସ୍ଥାନରେ ଥିବା ମହାତ୍ମା ଗାନ୍ଧୀ, ଉତ୍କଳ ଗୌରବ ମଧୁସୂଦନ ଦାସ, ପଦ୍ମଶ୍ରୀ ମୋହନ ନାୟକ, ଦିବାକର ପଟ୍ଟନାୟକ, ଇନ୍ଦିରା ଗାନ୍ଧୀ, ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଏଥିରେ ନଗର କଂଗ୍ରେସ ସଭାପତି ସୁଜୟ କୁମାର ଆଚାର୍ଯ୍ୟ, ଜିଲା ସେବକ ଦଳ ମୁଖ୍ୟ କିଶୋର କପୁରଙ୍କ ସମେତ ବହୁ ଦଳୀୟ କର୍ମୀ ଉପସ୍ଥିତ ଥିଲେ।

# ଟ୍ରାକ୍ଟର ଡ୍ରାଇଭରଙ୍କୁ ଆକ୍ରମଣ ଅଭିଯୋଗ

ଚିକିଟି,୯।୮(ଡି.ଏନ.ଏ.)

କେ.ନୂଆଗାଁ ଥାନା ନୂଆ ମଇସାନପୁର ଗ୍ରାମର ଟ୍ରାକ୍ଟର ଡ୍ରାଇଭର ଇନ୍ଦ୍ର ପ୍ରଧାନ (୫୫)ଙ୍କୁ ଆକ୍ରମଣ କରାଯାଇଥିବା ଅଭିଯୋଗ ହୋଇଛି। ଇନ୍ଦ୍ରଙ୍କ ଏତଲା କ୍ରମେ କେ. ନୂଆଗାଁ ପୋଲିସ ନଂ ୧୫୩/୨୧ରେ ମାମଲା ରୁଜୁ କରିଛି। ଇନ୍ଦ୍ର କଳବାଡ଼ ଗ୍ରାମର ବିପ୍ର ପ୍ରଧାନଙ୍କ ଜମିରେ ଟ୍ରାକ୍ଟର ଯୋଗେ ଚାଷ କରୁଥିଲେ। ଏତିକି ବେଳେ ନୂଆ ମଇସାନପୁର ଗ୍ରାମର ବାପା ପୁଅ ମିଶି ଜମିରେ କିଏ ଚାଷ କରିବାକୁ କହିଲା ପଚାରି ଗାଳିଗୁଲଜ କରିବା ସହ ଇନ୍ଦ୍ରକୁ ମାଡ ମାରିଥିଲେ।

# ଶ୍ରମିକ, କୃଷକ ସଂଗଠନର କ୍ରାନ୍ତି ଦିବସ




ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ବ୍ରହ୍ମପୁର ଅଫିସ,୯।୮

ସିଆଇଟିୟୁ, ଏଆଇଟିୟୁସି ଓ ଏଆଇକେଏସ୍ ଭଳି କୃଷକ ଓ ଶ୍ରମିକ ସଂଗଠନ ପକ୍ଷରୁ ସୋମବାର କ୍ରାନ୍ତି ଦିବସ ପାଳିତ ହୋଇଯାଇଛି। ଏ ନେଇ ବ୍ରହ୍ମପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଥିଲା। ଶ୍ରମିକ ଓ କୃଷକମାନଙ୍କୁ ଗୋଟି ଶ୍ରମିକରେ ପରିଣତ କରିବା ପାଇଁ କେନ୍ଦ୍ର ସରକାର ଚକ୍ରାନ୍ତ କରୁଥିବା ନେଇ ସଂଗଠନ ପକ୍ଷରୁ ଅଭିଯୋଗ ହୋଇଛି। କେନ୍ଦ୍ର ସରକାରଙ୍କ ୩ କଳା କୃଷି ଆଇନ, ୪ ଶ୍ରମ କୋଡ୍ ବାତିଲ କରିବା ପାଇଁ ସଂଗଠନ ଦାବି କରିଛି। ସେହିଭଳି ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ୨୦୦ ଦିନ କାର୍ଯ୍ୟ, ୬୦୦ ଟଙ୍କା ମଜୁରି ପ୍ରଦାନ ପାଇଁ ଦାବି ହୋଇଥିଲା। ଏଥିରେ ଯୁଧିଷ୍ଠିର ବେହେରା, ପ୍ରତାପ ଚୌଧୁରୀ, ହରିକୃଷ୍ଣ ରେଡ୍ଡୀ, ବସନ୍ତ ନନ୍ଦ, ଗୋପାଳ ପାଣିଗ୍ରାହୀ, ପ୍ରକାଶ ପାତ୍ର, ପ୍ରଦୀପ ସେଠୀ, କାମଦେବ ନାହାକ ଓ ସୁଧାଂଶୁ ପଣ୍ଡାଙ୍କ ସମେତ ସଂଗଠନର ବହୁ ସଦସ୍ୟ ଉପସ୍ଥିତ ଥିଲେ।

# ଭାଜପା ଛାଡି ବିଜେଡିରେ ମିଶିଲେ ୫୦ ପରିବାର

ପୋଲସରା,୯।୮(ଡି.ଏନ.ଏ.)

ପୋଲସରା ବ୍ଲକ ବଡ ପଙ୍କଳବାଡ଼ି ପଞ୍ଚାୟତ ମଙ୍ଗଳପୁର ଗ୍ରାମରେ ସୋମବାର ବିଜେଡିର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଲିଟୁ ପ୍ରଧାନ ଓ ମହେଶ୍ୱର ସାହୁଙ୍କ ନେତୃତ୍ୱରେ ମଙ୍ଗଳପୁର ଗ୍ରାମର ପ୍ରାୟ ୫୦ରୁ ଉର୍ଦ୍ଧ୍ୱ ପରିବାର ଭାଜପା ଛାଡି ବିଜେଡିରେ ଯୋଗଦାନ କରିଛନ୍ତି। ଭାଜପାର ନେତାମାନଙ୍କ ମନମୁଖୀ କାର୍ଯ୍ୟକଳାପ ଯୋଗୁ ଦଳ ତ୍ୟାଗ କରିଲୁ ବୋଲି ବିଜେଡିରେ ମିଶିଥିବା କର୍ମୀମାନେ କହିଥିଲେ। ଭାଜପା ଛାଡି ବିଜେଡିରେ ଯୋଗଦାନ କରିଥିବା କର୍ମୀଙ୍କୁ ଶଙ୍ଖ ଚିହ୍ନ ଥିବା ଉପଢୌକନ ସହ ପୁଷ୍ପଗୁଚ୍ଛ ଦେଇ ବିଧାୟକ ଶ୍ରୀକାନ୍ତ ସାହୁ ସ୍ୱାଗତ କରିଥିଲେ। ଏଥିସହିତ ବଡ ପଙ୍କଳ ବାଡ଼ି ଗ୍ରାମରେ ବଜାର ଗୃହକୁ ଉଦ୍‌ଘାଟନ କରାଯାଇଛି।

# ମୌଳିକ ସୁବିଧାରୁ ବଞ୍ଚିତ ମହୁଲ ମେଲାଣି ଗ୍ରାମ

ପାରଳାଖେମୁଣ୍ଡି,୯।୮(ଡି.ଏନ୍.ଏ.)



ମହୁଲ ମେଲାଣି ଗ୍ରାମ



ବିପର୍ଯ୍ୟସ୍ତ ରାସ୍ତା।

ସରକାର ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ବିକାଶ କରୁଥିବା କହୁଥିବା ବେଳେ ମୋହନା ବ୍ଲକର କେତୋଟି ଗ୍ରାମରେ ନା ଅଛି ରାସ୍ତା, ବିଶୁଦ୍ଧ ପାଣି ନା ଆଲୋକ ବ୍ୟବସ୍ଥା। ଏପରିକି ଲୋକେ ପକ୍କାଘର ଖଣ୍ଡେ ପାଇପାରୁ ନାହାନ୍ତି। ଟଙ୍କିକିଆ ଚାଉଳ ଆଣିବାକୁ ହେଲେ ଚାଲି ଚାଲି ୪ରୁ ୫ କିଲୋମିଟର ଯିବାକୁ ପଡୁଛି। ମୋହନା ବ୍ଲକ ଅନ୍ତର୍ଗତ ଚାନ୍ଦିପୁଟ ପଞ୍ଚାୟତର ମହୁଲ ମେଲାଣି ଗ୍ରାମରେ ପ୍ରାୟ ୨୫ରୁ ଉର୍ଦ୍ଧ୍ୱ ପରିବାର ବସବାସ କରନ୍ତି। ଗ୍ରାମର ଦୁଇଟି ସାହିରେ ଆଲୋକ ବ୍ୟବସ୍ଥା ନ ଥିବାରୁ ପିଲାଙ୍କ ପାଠ ପଢିବାରେ ବହୁ ଅସୁବିଧା ହେଉଛି। ରାତିରେ ଜଙ୍ଗଲୀ ହିଂସ୍ରଜନ୍ତୁଙ୍କ ଭୟ। ଗ୍ରାମକୁ ବିଦ୍ୟୁତ୍ ସଂଯୋଗୀକରଣ ନିମନ୍ତେ ବିଭାଗ ପକ୍ଷରୁ ଖୁଣ୍ଟ ଯୋଗାଇ ଦିଆଯାଇଥିଲା। ଗ୍ରାମବାସୀ ମାଣିକପୁରଠାରୁ ନିଜ ଗ୍ରାମକୁ ବିଦ୍ୟୁତ୍ ଖୁଣ୍ଟ ପୋତିଥିଲେ। କିନ୍ତୁ ଚାନ୍ଦିପୁଟ ବନ ବିଭାଗ ଜାଗାରେ ଉକ୍ତ ଖୁଣ୍ଟଗୁଡିକ ପୋତା ଯାଇଥିବାରୁ ସେଗୁଡ଼ିକୁ କର୍ମଚାରୀମାନେ ଉପାଡି ଫିଙ୍ଗି ଦେଇଛନ୍ତି। ଫଳରେ ଗାଁକୁ ବିଦ୍ୟୁତ୍ ସଂଯୋଗ ଆସି ପାରୁନି। ଗାଁକୁ ଯିବା ପାଇଁ ଭଲ ରାସ୍ତା ନାହିଁ । ଯେଉଁ ମାଟି ରାସ୍ତା ରହିଛି ତାହା ବର୍ଷା ଦିନେ ଧୋଇ ହୋଇଯାଉଛି। ଏ ନେଇ ବହୁବାର ବ୍ଲକ, ଜିଲା ଓ ରାଜ୍ୟ ପ୍ରଶାସନକୁ ଗ୍ରାମବାସୀ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ଅନ୍ତର୍ଭୁକ୍ତ କରିବା ପାଇଁ ଜଣାଇଥିଲେ ମଧ୍ୟ କେହି ଶୁଣୁ ନ ଥିବା ଅଭିଯୋଗ କରିଛନ୍ତି। ଢେପାଗୁଡ଼ା ପଞ୍ଚାୟତକୁ ମୋହନା ବ୍ଲକଠାରୁ ମାତ୍ର ୧୫କିମି ଦୂର । ରାସ୍ତା ନିର୍ମାଣ ହୋଇ ପାରୁ ନ ଥିବାରୁ ଢେପାଗୁଡ଼ା ପଞ୍ଚାୟତବାସୀ ଗଞ୍ଜାମ ଜିଲା ଦେଇ ୬୦କିମି ଦୂର ମୋହନା ବ୍ଲକକୁ ବିଭିନ୍ନ କାମରେ ଯାଇ ଅଧିକ ଖର୍ଚ୍ଚାନ୍ତ ହେଉଛନ୍ତି। ଗ୍ରାମରେ ନଳକୂପ ଗୋଟିଏ ମଧ୍ୟ ନାହିଁ। ଝରଣାର ଦୂଷିତ ପାଣି ପିଇ ଲୋକେ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଥିବା ନଜିର ମଧ୍ୟ ରହିଛି। ତେବେ ମୌଳିକ ସୁବିଧାରୁ ବଞ୍ଚିତ ମହୁଲ ମେଲାଣି ଗ୍ରାମ ପ୍ରତି ସରକାର ଦୃଷ୍ଟି ଦିଅନ୍ତୁ ବୋଲି ଗ୍ରାମବାସୀ କହିଛନ୍ତି।

**ବିଜୁ ଛାତ୍ର ଜନତା ଦଳ କର୍ମକର୍ତ୍ତାଙ୍କ ବୈଠକ**

ବୁଗୁଡ଼ା,(ଡି.ଏନ.ଏ.): ସ୍ଥାନୀୟ ବୁଦ୍ଧଖୋଲ ପାଦଦେଶସ୍ଥ ଓଟିଡିସି କଲ୍ୟାଣ ମଣ୍ଡପଠାରେ ପୋଲସରା ନିର୍ବାଚନ ମଣ୍ଡଳୀସ୍ତରୀୟ ବିଜୁ ଛାତ୍ର ଜନତା ଦଳ କର୍ମକର୍ତ୍ତାଙ୍କ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଗଞ୍ଜାମ ଜିଲା ପର୍ଯ୍ୟବେକ୍ଷକ ଅରୂପ ଶ୍ରୀଚନ୍ଦନ, ଛାତ୍ର ଜିଲା ସଭାପତି ପ୍ରଶାନ୍ତ କୁମାର ପଣ୍ଡା, ବ୍ରହ୍ମପୁର ଜୋନ୍ ସଭାପତି ଜ୍ୟୋତିରଞ୍ଜନ ସାହୁ, ଆଇଟି କୋ-ଅର୍ଡିନେଟର ରବୀନ୍ଦ୍ର ସାହୁ, ଡିଜିଟାଲ ସମ୍ପାଦକ ନିଖିଲ ଚୌଧୁରୀ, ଜିଲା ଉପସଭାପତି ହରପ୍ରସାଦ ମହାପାତ୍ର, ଜିଲା ସମ୍ପାଦକ ସୁଧାଂଶୁ ଶେଖର ପାଢ଼ୀ, ନଗର ଛାତ୍ର ସଭାପତି ଦୀପକ କୁମାର ମିଶ୍ର, ବ୍ଲକ ସଭାପତି ମଦନଗୋପାଳ ଦୋରା ପ୍ରମୁଖ ଯୋଗ ଦେଇଥିଲେ।

## ସଂକ୍ଷେପରେ

### ସ୍ତ୍ରୀଙ୍କୁ ଆକ୍ରମଣ ମାମଲା, ସ୍ୱାମୀ ଗଲେ ଜେଲ

ଦିଗପହଣ୍ଡି,୯।୮(ଡି.ଏନ.ଏ.): ଦିଗପହଣ୍ଡି ପୋଲିସ ସୋମବାର ନରସିଂହପୁର ଗ୍ରାମର ଚନ୍ଦ୍ରଶେଖର ରଣାଙ୍କୁ ଥାନା ମାମଲା ନଂ.୨୦୨/୨୧ ଯୌତୁକ ନିରୋଧ ଆଇନ ଅନୁଯାୟୀ କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତଙ୍କୁ ଦିଗପହଣ୍ଡି ସବ୍ ଜେଲକୁ ପଠାଯାଇଛି। ଦିଗପହଣ୍ଡି ବ୍ଲକ ସିଦ୍ଧେଶ୍ୱର ଗ୍ରାମର ବିଜୟ ରଣାଙ୍କ କନ୍ୟା ବ୍ୟୁଟି ଗତ ଶନିବାର ଦିଗପହଣ୍ଡି ଥାନାରେ ପହଞ୍ଚି ସ୍ୱାମୀ ଓ ଶ୍ୱଶୁରଘର ଲୋକେ ତାଙ୍କୁ ଯୌତୁକ ପାଇଁ ଶାରୀରିକ ଓ ମାନସିକ ନିର୍ଯାତନା ଦେବାସହ ଜୀବନରେ ମାରିଦେବାକୁ ଉଦ୍ୟମ କରିଥିବା ଅଭିଯୋଗ କରିଥିଲେ। ଏତଲାକୁ ଭିତ୍ତିକରି ପୋଲିସ ପକ୍ଷରୁ ତଦନ୍ତ କରାଯିବା ସହ ଅଭିଯୁକ୍ତ ସ୍ୱାମୀଙ୍କ ସମେତ ଶାଶୁ, ଶ୍ୱଶୁରଙ୍କ ନାଁରେ ମାମଲା ରୁଜୁ କରାଯାଇଥିଲା। ତଦନ୍ତକାରୀ ପୋଲିସ ଅଧିକାରୀ ଏସ୍ଆଇ ସ୍ୱର୍ଣ୍ଣଲତା ପାତ୍ରଙ୍କ ସୂଚନାନୁସାରେ, ୨୦୧୪ରେ ସିଦ୍ଧେଶ୍ୱର ଗ୍ରାମର ବିଜୟ ରଣାଙ୍କ କନ୍ୟା ବ୍ୟୁଟି ସେହି ଗାଁର ଚନ୍ଦ୍ରଶେଖରଙ୍କୁ ବିବାହ କରିଥିଲେ। ବିବାହ ସମୟରେ ଦାବି ପ୍ରକାରେ ୩ ଲକ୍ଷ ଟଙ୍କାର ଆସବାବପତ୍ର ଓ ନଗଦ ୨୦ ହଜାର ଟଙ୍କା ଦିଆଯାଇଥିଲା। ବିବାହର କିଛିଦିନ ପରେ ଅଧିକ ଯୌତୁକ ପାଇଁ ବ୍ୟୁଟିଙ୍କୁ ସ୍ୱାମୀ, ଶ୍ୱଶୁର ଓ ଶାଶୁ ଶାରୀରିକ ଓ ମାନସିକ ନିର୍ଯାତନା ଦେବାସହ ନିସ୍ତୁକ ମାଡ଼ ମାରୁଥିଲେ। ଶନିବାର ସ୍ୱାମୀ, ଶାଶୁ ଓ ଶ୍ୱଶୁର ବ୍ୟୁଟିଙ୍କୁ ଘର ଭିତରେ ଟଣା ଓଟରା କରି ମାଡ଼ ମାରିଥିଲେ। ସେ ପ୍ରତିବାଦ କରିବାରୁ ଏକ ଧାରୁଆ ଅସ୍ତ୍ରରେ ତାଙ୍କ ବେକକୁ ଭୁସି ଦେଇଥିଲେ। ପରେ ସ୍ୱାମୀ ଏକ ବ୍ଲେଡ୍‌ରେ ବ୍ୟୁଟିଙ୍କ ତଣ୍ଟି ନଳୀର ଏକାଧିକ ଜାଗାକୁ କାଟି ଦେଇଥିଲେ। ବ୍ୟୁଟିଙ୍କ ପାଟି ଶୁଣି ପଡ଼ୋଶୀ ଲୋକେ ପହଞ୍ଚି ତାଙ୍କୁ ଉଦ୍ଧାର କରି ବାପଘର ଲୋକଙ୍କୁ ଜଣାଇଥିଲେ। ମା', ବାପା ସଙ୍କଟାପନ୍ନ ଅବସ୍ଥାରେ ବ୍ୟୁଟିଙ୍କୁ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଗିରଫ ଭୟରେ ଶାଶୁ, ଶ୍ୱଶୁର ଫେରାର ଥିବା ବେଳେ ପୀଡ଼ିତା ବାପଘରେ ରହି ଚିକିତ୍ସା ହେଉଛନ୍ତି।

### କ୍ରିକେଟ ସଟ୍ଟା ପ୍ରସଙ୍ଗ, ପୋଲିସର ଖୋଳତାଡ଼

ଗଞ୍ଜାମ,୯।୮(ଡି.ଏନ.ଏ.): ଗଞ୍ଜାମ ସହରରେ ଦିନକୁ ଦିନ କ୍ରିକେଟ ସଟ୍ଟା ବାଜି ବୃଦ୍ଧି ପାଇବାରେ ଲାଗିଛି। ଯୁବଗୋଷ୍ଠୀମାନେ ଏଥିପ୍ରତି ଆକୃଷ୍ଟ ହୋଇ ଲକ୍ଷାଧିକ ଟଙ୍କା ବାଜି ଲଗାଉଛନ୍ତି। ଫଳରେ ସଟ୍ଟା ଖେଳର ମାଷ୍ଟରମାଇଣ୍ଡ ତଥା ବ୍ରୋକରମାନେ ରାତାରାତି ମାଲାମାଲ ହେଉଥିବା ବେଳେ ହାରୁଥିବା ଯୁବକମାନେ ଆତ୍ମହତ୍ୟା ପାଇଁ ଚରମ ନିଷ୍ପତ୍ତି ନେଉଛନ୍ତି। ଏହି ଖବର ଗଣମାଧ୍ୟମରେ ପ୍ରକାଶିତ ହେବା ପରେ ଗଞ୍ଜାମ ଥାନା ପୋଲିସ ଏହାର ଖୋଳତାଡ଼ ଆରମ୍ଭ କରିଛି। ଗଞ୍ଜାମ ସହରର କିଛି ମାଷ୍ଟର ମାଇଣ୍ଡଙ୍କୁ ପୋଲିସ ଥାନାକୁ ଡାକି ତଦନ୍ତ କରୁଥିବା ଏକ ବିଶ୍ୱସ୍ତ ସୂତ୍ରରୁ ଜଣାପଡିଛି।

### ଡେଙ୍ଗୁ, ମ୍ୟାଲେରିଆ ନିରାକରଣ ସଚେତନତା

ପାରଳାଖେମୁଣ୍ଡି,୯।୮: ପାରଳାଖେମୁଣ୍ଡି ପୌର ପରିଷଦର ୫ ନମ୍ବର ୱାର୍ଡରେ ଡେଙ୍ଗୁ ଏବଂ ମ୍ୟାଲେରିଆକୁ ନେଇ ଏକ ସଚେତନତା ରାଲି ଅନୁଷ୍ଠିତ ହୋଇଯାଇଛି । ସ୍ୱାସ୍ଥ୍ୟ ବିଭାଗ ଏବଂ ପାରଳାଖେମୁଣ୍ଡି ପୌରପାଳିକା ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଏଏନ୍ଏମ୍, ଅଙ୍ଗନୱାଡି କର୍ମୀ, ଆଶାକର୍ମୀ ଏବଂ ସ୍ୱେଚ୍ଛାସେବୀମାନେ ଡାକବାଜି ଯନ୍ତ୍ର ଦ୍ୱାରା ଡେଙ୍ଗୁ ଏବଂ ମ୍ୟାଲେରିଆର ମୁକାବିଲା ପାଇଁ ଲୋକଙ୍କୁ ସଚେତନତା କରିଥିଲେ।

# ସରକାରୀ ଜମି ନେଇ ଦୁଇ ଗାଁରେ ଉତ୍ତେଜନା, ୧୪୪ ଜାରି

ଆର.ଉଦୟଗିରି,୯।୮(ଡି.ଏନ.ଏ.)

ସରକାରୀ ଜମି ନେଇ ମୋହନା ବ୍ଲକର ଝିଲିକି ଓ ଗୁଡ୍ରିପଦର ଗ୍ରାମବାସୀଙ୍କ ମଧ୍ୟରେ ଦୀର୍ଘଦିନ ଧରି ବିବାଦ ଲାଗି ରହିଛି। ୨୦୨୦ରେ ଉପଜିଲାପାଳ, ବିଡିଓ, ତହସିଲଦାର, ବିଧାୟକ, ବ୍ଲକ ଅଧ୍ୟକ୍ଷାଙ୍କ ଉପସ୍ଥିତିରେ ଉକ୍ତ ଗାଁର ମୁଖିଆଙ୍କୁ ନେଇ ଏକ ବୈଠକ କରାଯାଇଥିଲା। ବୈଠକରେ ଉଭୟ ଗ୍ରାମାବାସୀଙ୍କୁ ବୁଝାଶୁଝା କରାଯାଇ ବ୍ଲକରେ ଥିବା ସରକାରୀ ଜମିକୁ ନ ଯିବାକୁ କୁହାଯାଇଥିଲା। କିନ୍ତୁ ଏହାକୁ ନ ମାନି ଗୁଡ୍ରିପଦର ଗ୍ରାମବାସୀ ସେହି ସରକାରୀ ଜମିରେ ଚାଷ କରିବାରୁ ଝିଲିକିବାସୀ ବିରୋଧ କରିଥିଲେ। ଏ ନେଇ ଥାନାରେ ଏତଲା ହୋଇଥିଲା। ଉପଜିଲାପାଳ ନିର୍ଦ୍ଦେଶରେ ଅତିରିକ୍ତ ତହସିଲଦାର ଆଶିଷ କୁମାର ପ୍ରଧାନଙ୍କ ଉପସ୍ଥିତିରେ ଅତବା ଥାନାଧିକାରୀ ଆନନ୍ଦ ଚନ୍ଦ୍ର ପାତ୍ର ଓ ରାଜସ୍ୱ ନିରୀକ୍ଷକ ଉପସ୍ଥିତ ରହି ରବିବାର ଜାଗା ମାପକରି ରଙ୍ଗ ପତାକା ପୋତିବା ସହ ୧୪୪ ଜାରି କରିଥିଲେ। ଏହି ସମୟରେ ଉତ୍ତେଜନା ସୃଷ୍ଟି ହୋଇଥିଲା। ବ୍ଲକ ପରିସରରେ ଥିବା ଜମିରେ ଉଭୟ ଗ୍ରାମବାସୀ ବହୁ ବର୍ଷ ଧରି ଖାତା ନଂ-୧୨୧ରେ ଚାଷବାସ କରି ଆସୁଥିଲେ। ଗୁଡ୍ରିପଦର ଗ୍ରାମବାସୀ କିଛି ବର୍ଷ ହେଲା ଜବରଦଖଲ କରି ମକା ଲଗାଇଥିଲେ। ବିବାଦର ସମାଧାନ ପାଇଁ ଗୁଡ୍ରିପଦର ଲୋକଙ୍କୁ ଚାଷ ସମୟରେ ଖର୍ଚ୍ଚ ହୋଇଥିବା ୧ ଲକ୍ଷ ୨୦ ହଜାର ଟଙ୍କା ଝିଲିକି ବାସୀ ମାଗିଥିଲେ। ପ୍ରଶାସନର ଉପସ୍ଥିତିରେ ଚୁକ୍ତିନାମା ହୋଇ କିଛି ଦିନ ପରେ ମକା ବିକ୍ରିକରି ଟଙ୍କା ଦେଇଥିଲେ। ପୂର୍ବତନ ତହସିଲଦାର କଲ୍ୟାଣୀ ସଂଘମିତ୍ରା ଦେବୀ ଜିଲା ପ୍ରଶାସନର ଚିଠି ଅନୁଯାୟୀ ରଙ୍ଗ ବାନା ପୋତିଥିଲେ। ପୁଣି ଏହି ଜମିରେ ଟ୍ରାକ୍ଟର ଓ ହଳ ଲଗାଇ ଗୁଡ୍ରିପଦର ଗ୍ରାମବାସୀ ଚାଷ କରିବାରୁ ଝିଲିକି ଗ୍ରାମବାସୀ ବିରୋଧ କରିଥିବା ଅଭିଯୋଗ ହୋଇଥିଲା। ଉପଜିଲାପାଳ ନିର୍ଦ୍ଦେଶରେ ଉକ୍ତ ଜାଗା ପତାକା ପୋତାଯାଇଥିଲା। ଗ୍ରାମସଭା କରି ସମସ୍ୟାର ସମାଧାନ କରାଯିବା ସହ ଜମି ଚିହ୍ନଟ କରାଯିବ ବୋଲି ଅତିରିକ୍ତ ତହସିଲଦାର ପ୍ରଧାନ କହିଥିଲେ।

# ବିଭିନ୍ନ ଦାବି ନେଇ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଗଣଧାରଣା

ଖଲ୍ଲିକୋଟ,୯।୮(ଡି.ଏନ.ଏ.)



ବିଇଓ ଅଫିସ ଆଗରେ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଧାରଣା।

ଖଲ୍ଲିକୋଟ ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ସୋମବାର ବିଇଓ ଅଫିସ ଆଗରେ ବିଭିନ୍ନ ଦାବି ନେଇ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଗଣଧାରଣା ଜାରି ରହିଛି। ଶିକ୍ଷକ ସଂଘ ସଭାପତି କିଶୋର ଚନ୍ଦ୍ର ଘାସିଙ୍କ ନେତୃତ୍ୱରେ ଚାଲିଥିବା ଗଣଧାରଣାରେ ବ୍ଲକର ବହୁ ଶିକ୍ଷୟିତ୍ରୀ ଶିକ୍ଷକ ସାମିଲ ହୋଇଥିଲେ। ସେମାନଙ୍କ ଦାବି ମଧ୍ୟରେ ଥିଲା ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କୁ ଘରଭଡ଼ା ଦେୟ ପ୍ରଦାନ, ନୂତନ ରୂପେ ସ୍ଥାୟୀ ହୋଇଥିବା ୭୮ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ବକେୟା ଦୁଇମାସର ଦରମା ଓ ଏରିୟର ତୁରନ୍ତ ପ୍ରଦାନ, ଖଲ୍ଲିକୋଟର ଅସ୍ଥାୟୀ ଗୋଷ୍ଠୀ ଶିକ୍ଷାଧିକାରୀ ଅବିନାଶ ଶତପଥୀଙ୍କ ଦମନମୂଳକ ନୀତି ଫଳରେ ବ୍ଲକ ଶିକ୍ଷକ ସଂଘର ତୀବ୍ର ଅସନ୍ତୋଷ ଦେଖାଦେଇଛି। ଭାରପ୍ରାପ୍ତ ବିଇଓ ଏହି ବ୍ଲକରୁ ହଟାଇ ସ୍ଥାୟୀ ଭାବେ ବିଇଓ ନିଯୁକ୍ତି ଦାବି କରିଥିଲେ। ଶିକ୍ଷକମାନଙ୍କ କହିବାନୁଯାୟୀ ବିଇଓ ଗଞ୍ଜାମ ବ୍ଲକ ଓ ଛତ୍ରପୁର ବ୍ଲକ ଦାୟିତ୍ୱରେ ଥାଇ ସେଠାକାର ଶିକ୍ଷକମାନଙ୍କ ଦରମା ଓ ଅନ୍ୟାନ୍ୟ ସୁବିଧା କରିଥିଲେ ସୁଦ୍ଧା ସ୍ଥାନୀୟ ଶିକ୍ଷକମାନଙ୍କ ପ୍ରତି ଆକ୍ରୋଶମୂଳକ ମନୋଭାବ ପୋଷଣ କରିଛନ୍ତି। ସମସ୍ତ ଦାବି ପୂରଣ ଯାଏ ଏହି ଆନ୍ଦୋଳନ ଜାରି ରହିବ ବୋଲି ସଭାପତି କିଶୋର ଚନ୍ଦ୍ର ଘାସି, ସମ୍ପାଦକ ମଧୁ ଚରଣ ସେଠୀ, ଶିକ୍ଷୟତ୍ରୀ ଯୋଗମାୟା ମହାନ୍ତି ପ୍ରମୁଖ ପ୍ରକାଶ କରିଥିଲେ। ଖଲ୍ଲିକୋଟ ତହସିଲଦାର ରାଜ କିଶୋର ପଟ୍ଟନାୟକ ଧାରଣା ସ୍ଥଳକୁ ଆସି କୋଭିଡ ଗାଇଡ ଲାଇନ ପାଳନ ଉପରେ ଦେଖି ଶିକ୍ଷକଙ୍କ ସହ ଆଲୋଚନା କରି ଯାଇଥିଲେ।

# ୭,୮୯୩ ଚାଷୀଙ୍କୁ ଖରିଫ ଋଣ ପ୍ରଦାନ

ବୁଗୁଡ଼ା,୯।୮(ଡି.ଏନ.ଏ.)

ଆସ୍କା ସମବାୟ ବ୍ୟାଙ୍କ ବୁଗୁଡ଼ା ଶାଖା ପକ୍ଷରୁ ଖରିଫ ଚାଷ ପାଇଁ ସ୍ଥାନୀୟ ବ୍ଲକର ସମୁଦାୟ ୭,୮୯୩ ଜଣ ଚାଷୀଙ୍କୁ ୨୭ କୋଟି ୮୬ ଲକ୍ଷ ୮୭ ହଜାର ୭ ଶହ ଟଙ୍କା ଋଣ ମଞ୍ଜୁର କରାଯାଇଛି। ଏ କରଡ଼ାବାଡ଼ି ପ୍ୟାକ୍ସ ଅଧୀନରେ ସମୁଦାୟ ୭୮୦ ଚାଷୀଙ୍କୁ ୨ କୋଟି ୧୮ ଲକ୍ଷ ୫୭ ହଜାର ୫ ଶହ ଟଙ୍କା ଋଣ ମଞ୍ଜୁର କରାଯାଇଥିବା ବେଳେ ଆନ୍ତରପଡାରେ ୬୦୧ ଚାଷୀଙ୍କୁ ୧ କୋଟି ୮୭ ଲକ୍ଷ ୬୧ ହଜାର ୩ ଶହ ଟଙ୍କା, ବି.କରଡ଼ାବାଡ଼ିରେ ୫୦୨ ଚାଷୀଙ୍କୁ ୧ କୋଟି ୩୧ ଲକ୍ଷ ୯୮ ହଜାର ୫ ଶହ ଟଙ୍କା, ବାଲିପଦରରେ ୫୧୩ ଚାଷୀଙ୍କୁ ୨ କୋଟି ୩୪ ଲକ୍ଷ ୨୯ ହଜାର ଟଙ୍କା, ଭାମଶିଆଳିରେ ୩୯୯ ଚାଷୀଙ୍କୁ ୧ କୋଟି ୪୦ ଲକ୍ଷ ୮ ଶହ ଟଙ୍କା, ବିରଞ୍ଚିପୁରରେ ୫୦୮ ଚାଷୀଙ୍କୁ ୧ କୋଟି ୭୦ ଲକ୍ଷ ୮୪ ହଜାର ଟଙ୍କା, ବୁଗୁଡ଼ାରେ ୫୮୬ ଚାଷୀଙ୍କୁ ୨ କୋଟି ୫୦ ଲକ୍ଷ ୧୬ ହଜାର ୯ ଶହ ଟଙ୍କା, ଗୋଲାବନ୍ଧରେ ୬୪୧ ଚାଷୀଙ୍କୁ ୨ କୋଟି ୧୦ ଲକ୍ଷ ୮୦ ହଜାର ଟଙ୍କା, ଗୋଳିଆରେ ୩୬୦ ଚାଷୀଙ୍କୁ ୧ କୋଟି ୪୫ ଲକ୍ଷ ୨୨ ହଜାର ଟଙ୍କା, କରବୁଳିରେ ୭୯୪ ଚାଷୀଙ୍କୁ ୨ କୋଟି ୫୬ ଲକ୍ଷ ୧୨ ହଜାର ଟଙ୍କା, ଖୋଳଖାଳିରେ ୫୧୫ ଚାଷୀଙ୍କୁ ୧ କୋଟି ୭୮ ଲକ୍ଷ ୮୯ ହଜାର ଟଙ୍କା, ମାଣିତାରାରେ ୪୯୫ ଚାଷୀଙ୍କୁ ୧ କୋଟି ୬୨ ଲକ୍ଷ ୯୨ ହଜାର ଟଙ୍କା, ମୋଟାବାଡ଼ିରେ ୫୩୪ ଚାଷୀଙ୍କୁ ୧ କୋଟି ୯୬ ଲକ୍ଷ ୨୭ ହଜାର ୭ ଶହ ଟଙ୍କା ଓ ପାଙ୍ଗିଡ଼ିରେ ୬୬୫ ଚାଷୀଙ୍କୁ ୩ କୋଟି ୩ ଲକ୍ଷ ୧୬ ହଜାର ୫ ଶହ ଟଙ୍କା ପ୍ରଦାନ କରାଯାଇଥିବା ନେଇ ଶାଖା ପରିଚାଳକ ଯୋଗେଶ ଚନ୍ଦ୍ର ସାମନ୍ତରାଙ୍କ ଠାରୁ ପ୍ରକାଶ ।





ଭିତ୍ତିପ୍ରସ୍ତର ସ୍ଥାପନ କରୁଛନ୍ତି ବିଧାୟକ ଶ୍ରୀକାନ୍ତ ସାହୁ।

# ମାର୍କେଟ୍ କମ୍ପ୍ଲେକ୍ସ ଭିତ୍ତିପ୍ରସ୍ତର ସ୍ଥାପନ

ବୁଗୁଡ଼ା,୯।୮(ଡି.ଏନ.ଏ.)

ବୁଗୁଡା ମୁଖ୍ୟ ସଡ଼କ ପାର୍ଶ୍ୱରେ ଏନ୍ଏସି ପ୍ରଶାସନ ପକ୍ଷରୁ ନିର୍ମାଣ ହେବାକୁ ଥିବା ଶ୍ରୀ ବିରଞ୍ଚି ନାରାୟଣ ମାର୍କେଟ୍ କମ୍ପ୍ଲେକ୍ସର ଭିତ୍ତି ପ୍ରସ୍ତର ସ୍ଥାପନ ସୋମବାର ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ ଯୋଗ ଦେଇ ମାର୍କେଟ୍ କମ୍ପ୍ଲେକ୍ସର ଭିତ୍ତି ପ୍ରସ୍ତର ସ୍ଥାପନ କରିଥିଲା ବେଳେ ଏମପି ପ୍ରତିନିଧି ଚିତ୍ରସେନ ପ୍ରଧାନ, ବିଧାୟକ ପ୍ରତିନିଧି କେ. ତ୍ରିଲୋଚନ ଦୋରା, ଜିଲା ବିଜେଡି ସମ୍ପାଦକ ସୁଧାଂଶୁ ଶେଖର ପାଢ଼ୀ, ବ୍ଲକ ବିଜେଡି ସଭାପତି ମଦନ ଗୋପାଳ ଦୋରା, କନିଷ୍ଠ ଯନ୍ତ୍ରୀ ରୋଶନ କୁମାର ପ୍ରଧାନଙ୍କ ସମେତ ଅନ୍ୟାନ୍ୟ ବ୍ୟବସାୟୀ ଯୋଗ ଦେଇଥିଲେ।

# ସହାୟତା ଦାବିରେ ମିଳିତ ବିକ୍ଷୋଭ

ଛତ୍ରପୁର,୯।୮(ଡି.ଏନ୍.ଏ.)

- ଦୁର୍ଦ୍ଦିନରେ କଳାକାର, ପାର୍ଲର, ସେଲୁନ, ସ୍ପା, ଜିମ ସଂଘ
- ଏଡିଏମଙ୍କ ଗାଡି ଆଗରେ ଶୋଇଲେ

କରୋନା ପାଇଁ ହୋଇଥିବା ଲକ୍‌ଡାଉନ୍‌ରେ କଳାକାର, ସେଲୁନ ଓ ପାର୍ଲର, ବ୍ୟୁଟିସିଆନ, ଜିମ୍ ସଂଘ ବହୁତ କ୍ଷତି ସହିଛନ୍ତି। ସହାୟତା ଦାବି ନେଇ ଏହିସବୁ ସଂଘ ପକ୍ଷରୁ ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ମିଳିତ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଅଗଷ୍ଟ ମାସରେ ଦୋକାନ, ବଜାର ଆଦି ଖୋଲିବାକୁ ଅନୁମତି ଦିଆଯାଇଥିବା ବେଳେ କଳାକାରଙ୍କ ପ୍ରତି ବୈମାତୃକ ମନୋଭାବକୁ ନିନ୍ଦା କରାଯାଇଛି। ଗଞ୍ଜାମ ଜିଲା ଲୋକକଳା ତଥା ବହୁ ଜାନିଯାତ୍ରା ଲାଗୁ ଖୁବ୍ ପରିଚିତ। କରୋନା ଯୋଗୁ ଏସବୁ ବନ୍ଦ ରହିଛି। ସେହିପରି ବ୍ୟୁଟିସିଆନ ୱେଲଫର ଆସୋସିଏଶନ ମଧ୍ୟ ସମସ୍ୟା ଜଣାଇଛି। ଘର ମାଲିକମାନେ ଘରଭଡ଼ା ଛାଡୁ ନଥିବା ବେଳେ କର୍ମଚାରୀମାନଙ୍କ ଦରମା ଓ ବ୍ୟାଙ୍କ ଋଣ କିସ୍ତି ପରିଶୋଧ ଆଦି ଅସହ୍ୟ ହେଲାଣି। ତେଣୁ ସରକାର ମାସିକ ୫ ହଜାର ଟଙ୍କା ଲେଖାଏ ଆର୍ଥିକ ସହାୟତା ଯୋଗାଇ ଦେବାକୁ ନିବେଦନ କରାଯାଇଛି। ଗଞ୍ଜାମ ଜିଲା କଳାକାର ମହାସଂଘ ଜାତୀୟ ରାଜପଥ ଅବରୋଧ କରିବାକୁ ଯାଉଥିବା ବେଳେ ଯୋଗାଣ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅତିରିକ୍ତ ଜିଲାପାଳଙ୍କ ଗାଡ଼ିକୁ ଅଟକାଇ ରାସ୍ତାରେ ଶୋଇପଡିଥିଲେ। ଛତ୍ରପୁର ଥାନା ଅଧିକାରୀ ପ୍ରିୟସ ରଞ୍ଜନ ଛୋଟରାୟ ଓ ତହସିଲଦାର ନୀଳମାଧବ ଭୋଇଙ୍କ ଉପସ୍ଥିତିରେ ଅତିରିକ୍ତ ଜିଲାପାଳ ସେମାନଙ୍କ ସମସ୍ୟା ସମାଧାନ ପାଇଁ ଖୁବଶୀଘ୍ର ସରକାରଙ୍କୁ ଜଣାଇବେ ବୋଲି କହିବା ପରେ ସ୍ଥିତି ଶାନ୍ତ ପଡ଼ିଛି।

# ରାସ୍ତା ପ୍ରଶସ୍ତୀକରଣ ହେଉନି, ଉପୁଜୁଛି ଟ୍ରାଫିକ୍ ସମସ୍ୟା





ଟ୍ରାଫିକ୍ ଜାମ ହୋଇଛି।

ପାରଳାଖେମୁଣ୍ଡି,୯।୮(ଡି.ଏନ୍.ଏ.)

ପାରଳାଖେମୁଣ୍ଡି ସହରର ରାସ୍ତା ପ୍ରଶସ୍ତୀକରଣ କାର୍ଯ୍ୟ ଆରମ୍ଭ ହେଉ ନ ଥିବା ବେଳେ ନାଳକାମ ଅଧାପନ୍ତରିଆକୁ ନେଇ ଦୈନନ୍ଦିନ ରାସ୍ତା ଜାମ ହୋଇ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଫରେଷ୍ଟ ଗେଟ ଛକଠାରୁ ରାଣୀପେଣ୍ଠ ପର୍ଯ୍ୟନ୍ତ ରାସ୍ତା ପ୍ରଶସ୍ତୀକରଣ ପାଇଁ ଗତ ୩ ବର୍ଷ ହେଲା କାର୍ଯ୍ୟ ଆରମ୍ଭ ହୋଇଥିଲେ ହେଁ ଏହା ସରୁନାହିଁ। ଯେ କୌଣସି ମତେ ଫରେଷ୍ଟଗେଟଠାରୁ ପୋଲିସ ଷ୍ଟେଶନ ପର୍ଯ୍ୟନ୍ତ ତରବରିଆ ଭାବେ ରାସ୍ତା କାମକୁ ଶେଷ କରିଦିଆଯାଇଛି। କିନ୍ତୁ ପୋଲିସ ଷ୍ଟେଶନ ଛକଠାରୁ ବାଟ ଗୌଡସାହି ଛକ, ହାଇସ୍କୁଲ ଛକ, ବଜାର ଛକ, ନୂତନବସ୍‌ଷ୍ଟାଣ୍ଡ, ପୁରୁଣା କୋର୍ଟ ଛକ, ସୁବାସ ନଗର ଛକ ଆଦି ୨ରୁ ୩ କିମି ରାସ୍ତା ପ୍ରଶସ୍ତୀକରଣ କାର୍ଯ୍ୟ ଆରମ୍ଭ ହୋଇନାହିଁ। ପୋଲିସ ଷ୍ଟେଶନ ଛକଠାରୁ ଗୋଲାସାହି ଛକ ପର୍ଯ୍ୟନ୍ତ ଜବରଜଦଖଲକାରୀଙ୍କୁ ଉଚ୍ଛେଦ କରାଯାଇ ନାଳ କାମ ଆରମ୍ଭ କରିଥିଲେ। ଏହା ପ୍ରାୟ ୬ମାସରୁ ଊର୍ଦ୍ଧ୍ୱ ସମୟ ବିତିଗଲାଣି। ହେଲେ ତାହା ସରୁନାହିଁ। ଅନ୍ୟପକ୍ଷରେ ଏହି ରାସ୍ତାଟି ସହରର ମୁଖ୍ୟ ରାସ୍ତା ହୋଇଥିବାରୁ ଦୈନନ୍ଦିନ ହଜାର ହଜାର ଗାଡିମୋଟର ଯାତାୟାତ କରିଥାଏ। ନାଳକାମ ପାଇଁ ରାସ୍ତାକଡରେ ବିଭିନ୍ନ ନିର୍ମାଣ ସାମଗ୍ରୀ ରଖି ଠିକା ସଂସ୍ଥା ପଳାଇଛି। ବିଭାଗୀୟ ଅଧିକାରୀଙ୍କ ପତ୍ତା ନାହିଁ। ଦୈନନ୍ଦିନ ଏହି ରାସ୍ତା ଦେଇ ସରକାରୀ କର୍ମଚାରୀମାନେ ଯାଉଥିଲେ ମଧ୍ୟ ଏଥିପ୍ରତି କାହାର ନଜର ପଡୁନାହିଁ। ଏନେଇ ପୂର୍ତ୍ତ ବିଭାଗର କର୍ତ୍ତୃପକ୍ଷଙ୍କୁ ଯୋଗାଯୋଗ କଲେ ମଧ୍ୟ ସମ୍ଭବ ହୋଇପାରୁନି । ଏହିପରି ପୁରୁଣା କୋର୍ଟ ଛକଠାରୁ କାଳୀମନ୍ଦିର, ଗାନ୍ଧୀ ଛକ, ଅଙ୍କସାହି ଛକ, ରାଜଦାଣ୍ଡ ଛକ, ସିନେମା ହଲ୍ ଛକ, ଦୋଳ ପୋଖରୀ ରାସ୍ତା ଦେଇ ମେଡିକାଲ ରାସ୍ତାର ମଧ୍ୟ ସମଦଶା। ଏହି ରାସ୍ତା ନିର୍ମାଣର ନାମଗନ୍ଧ ନ ଥିବାବେଳେ ଏହା ନିମ୍ନମାନର ହୋଇଥିବାରୁ ପକାଯାଇଥିବା ସିମେଣ୍ଟ କଂକ୍ରିଟ ବହୁ ସ୍ଥାନରେ ଉଠିଯାଇଛି। ଗୋଟିଏପଟେ ଅଣଓସାରିଆ ସଂକୀର୍ଣ୍ଣ ରାସ୍ତାରେ ସମସ୍ତ ଯାନବାହନ ଯାତାୟାତ କରୁଛି । ବେଳେ ବେଳେ ଭାରିଯାନ ଯାତାୟାତ କଲାବେଳେ ଟ୍ରାଫିକ୍ ସମସ୍ୟା ଉପୁଜୁଥିବାର ଲକ୍ଷ୍ୟ କରାଯାଉଛି।

# ବିଜେଡିର କର୍ମକର୍ତ୍ତା ସ୍ତରୀୟ ବୈଠକ

ପୁରୁଷୋତ୍ତମପୁର,୯।୮(ଡି.ଏନ.ଏ.)

ପୁରୁଷୋତ୍ତମପୁର ସ୍ୱପ୍ନେଶ୍ୱର ମନ୍ଦିର ପରିସରରେ ବିଜୁଜନତା ଦଳ ପକ୍ଷରୁ ଯୁବ ଓ ଛାତ୍ର ନେତାଙ୍କ ବୈଠକ ବିଧାୟିକା ସୂର୍ଯ୍ୟମଣି ବୈଦ୍ୟଙ୍କ ତତ୍ତ୍ୱାବଧାନରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ସାଧାରଣ ସମ୍ପାଦକ ଅଶୋକ କୁମାର ମହାନ୍ତ୍ତ, ଛାତ୍ର ଜନତା ଦଳର ଜିଲା ସଭାପତି ପ୍ରଶାନ୍ତ ପଣ୍ଡା, ଜିଲା ପର୍ଯ୍ୟବେକ୍ଷକ ଅରୁପ ଶ୍ରୀଚନ୍ଦନ ଯୋଗଦେଇ ନବନିଯୁକ୍ତ ଏନ୍ଏସି ଯୁବ ସଭାପତି ମନୋଜ କୁମାର ଗୌଡ, ଛାତ୍ର ସଭାପତି କିରଣ କୁମାର ଗୌଡ, ଜିଲା ଛାତ୍ର ସମ୍ପାଦକ ଏନ ଭାସ୍କର ଦୋରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ବୃଦ୍ଧା ମା', ବାପାଙ୍କ ସାହାରା ପାଲଟିଲେ ଝିଅ

ଖଜୁରିପଡ଼ା/ବଲସକୁମ୍ପା, ୯।୮(ଡି.ଏନ.ଏ.)



କୁନ୍ତଳା ନାୟକ।

ଖଜୁରିପଡ଼ା ବ୍ଲକ ବଲସକୁମ୍ପା ଗ୍ରାମରେ ୨୦/୨୫ ବର୍ଷ ହେବ ଉର୍ମିଳା ନାୟକ ଏବଂ ସୁଦର୍ଶନ ନାୟକ ଫୁଲବାଣୀରୁ ଆସି ଘର ଭଡ଼ା ନେଇ ରହୁଛନ୍ତି। ଉର୍ମିଳାଙ୍କ କହିବା ଅନୁଯାୟୀ, ତାଙ୍କ ବାପଘର ଫୁଲବାଣୀ ଆମ୍ଳାପଡ଼ା ଗ୍ରାମର। ସେମାନଙ୍କ ପରିବାର କହିଲେ ତିନି ଭାଇ ଓ ଗୋଟେ ଭଉଣୀ। ତିନି ଭାଇ ଓ ଭଉଣୀ ଉର୍ମିଳାଙ୍କ ବିବାହ ହୋଇଯାଇଛି। କିନ୍ତୁ ମା'କୁନ୍ତଳା ନାୟକ ଏବଂ ବାପା ଉତ୍ସବ ନାୟକଙ୍କୁ ଭାଇମାନେ ଅଣଦେଖା କରି ଦୁଃଖ ଯନ୍ତ୍ରଣା ଦେବାରୁ ଉର୍ମିଳା ମା'ବାପାଙ୍କୁ ୧୦ବର୍ଷ ହେବ ଆଣି ନିଜ ପାଖରେ ରଖି ସେବା କରୁଛନ୍ତି। ଦୁଇବର୍ଷ ତଳେ ଉତ୍ସବଙ୍କ ପରଲୋକ ଘଟିଥିବା ବେଳେ ମା' ମଧ୍ୟ ମୃତ୍ୟୁ ସହ ସଂଗ୍ରାମ କରୁଥିବା କହିଛନ୍ତି ଉର୍ମିଳା। ମା' ବାପା କେତେ ଦୁଃଖ କଷ୍ଟରେ ପିଲାମାନଙ୍କୁ ବଡ଼ କରନ୍ତି। କିନ୍ତୁ ସେମାନେ ମା' ବାପାଙ୍କ ଦୁଃଖ ବୁଝି ନ ପାରି ସେମାନଙ୍କୁ ଅନେକ କଷ୍ଟ ଯନ୍ତ୍ରଣା ଦିଅନ୍ତି। ଏପଟେ କିନ୍ତୁ ମନ୍ଦିର ଯାଇ ପଥର ପ୍ରତିମାରେ କ୍ଷୀର, ମହୁ ଦେଇ ପୂଜା କରନ୍ତି। ସେପଟେ ଜନ୍ମଦାତା ନ ଖାଇ ନ ପିଇ ଭୋକ ଉପବାସରେ କାନ୍ଦୁଥିଲେ ମଧ୍ୟ ପୁଅମାନଙ୍କୁ ମା' ବାପାଙ୍କ ଯନ୍ତ୍ରଣା ଦେଖାଦେଇ ନ ଥାଏ।

# ଜଳ କଷ୍ଟ ଭୋଗୁଛନ୍ତି ପରିଡ଼ା ପଞ୍ଚାୟତବାସୀ

ଗୁମ୍ମା,୯।୮



କାର୍ଯ୍ୟକ୍ଷମ ହୋଇନଥିବା ପାନୀୟ ଜଳ ପ୍ରକଳ୍ପ।

ଗ୍ରାମାଞ୍ଚଳରେ ପାନୀୟ ଜଳ ପାଇଁ ଲୋକେ ଅସୁବିଧାର ସମ୍ମୁଖୀନ ନ ହେବା ଓ ଜଳକଷ୍ଟରୁ ରକ୍ଷା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ କୋଟି କୋଟି ଟଙ୍କା ବ୍ୟୟ କରାଯାଇ ପାନୀୟ ଜଳ ପ୍ରକଳ୍ପ ନିର୍ମାଣକୁ ଗୁରୁତ୍ୱ ଦିଆଯାଉଛି। ବିଭାଗୀୟ ଯନ୍ତ୍ରୀ ଓ ଠିକାଦାରଙ୍କ ଦାୟିତ୍ୱହୀନ ମନୋଭାବ ଯୋଗୁ ଲୋକେ ପାନୀୟ ଜଳ ପାଇଁ ବହୁ ହୀନସ୍ତା ହେଉଛନ୍ତି। ଗୁମ୍ମା ବ୍ଲକ ଅନ୍ତର୍ଗତ ପରିଡ଼ା ଗ୍ରାମରେ ତିନିବର୍ଷ ହେଲା ଓଭେରହେଡ୍ ଟାଙ୍କି ନିର୍ମାଣ ହୋଇଛି। ବ୍ଲକର ଦ୍ୱିତୀୟତମ ଓଭେରହେଡ୍ ୩୦ହଜାର ବିଶିଷ୍ଟ ପାଣି ଟାଙ୍କି। ଏଠାରେ ୧୪ ଲକ୍ଷ ୯୮ ହଜାର ବ୍ୟୟ ଅଟକଳରେ ଏହି ପ୍ରକଳ୍ପ ନିର୍ମାଣ କରାଯାଇଥିଲା। ଦୀର୍ଘବର୍ଷ ବିତିଯାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ଏହାର କାର୍ଯ୍ୟ ସରିନାହିଁ। ଫଳରେ ହଜାର ହଜାର ଲୋକେ ପାନୀୟ ଜଳ ପାଇଁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ପ୍ରକଳ୍ପ ଶେଷ ପର୍ଯ୍ୟାୟରେ ପହଞ୍ଚିଥିଲେ ମଧ୍ୟ ୪ଟି ଠିକାଦାର ୫ଟି ଟେଣ୍ଡର ପରେ ବି କାମରେ ଆସୁନି ପ୍ରକଳ୍ପ। ବର୍ତ୍ତମାନ ଗାଁ ଲୋକେ ଦୂଷିତ ଜଳକୁ ପାନୀୟ ଭାବେ ବ୍ୟବହାର କରୁଛନ୍ତି। ପୁଣି କେଉଁଠି ନଳକୂପ ନିକଟରେ ମହିଳାଙ୍କ ଲମ୍ବା ଧାଡ଼ି ତ ଆଉ କେତେଟି ନଳକୂପ ଅଚଳ ଅବସ୍ଥାରେ ଦେଖିବାକୁ ମିଳୁଛି। ଏ ସମ୍ପର୍କରେ କନିଷ୍ଠ ଯନ୍ତ୍ରୀ ନାରାୟଣ ସେଠୀ କହିଛନ୍ତି, ମେଗା ପ୍ରୋଜେକ୍ଟ ଚାଲିଛି ଅଳ୍ପ ଦିନ ପରେ ହୋଇଯିବ।

# ଏଆଇଡିଏସ୍‌ଓର ବିକ୍ଷୋଭ, ଶିକ୍ଷାନୀତି ନକଲ ପୋଡ଼ି

- ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ
- ଖାଲିପଡ଼ିଥିବା ଅଧାପକ ପଦବୀ ପୂରଣ ଦାବି

ବ୍ରହ୍ମପୁର ଅଫିସ,୯।୮





ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ସମ୍ମୁଖରେ ବିକ୍ଷୋଭ।

ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସ୍ଥାୟୀ ଅଧାପକ ନିଯୁକ୍ତି ପାଇଁ ଅଲ୍ ଇଣ୍ଡିଆ ଡିଏସ୍‌ଓ (ଏଆଇଡିଏସ୍‌ଓ) ଜିଲା କମିଟି ଦାବି କରିଛି। ଏହି ଦାବିକୁ ନେଇ ଏଆଇଡିଏସ୍‌ଓ ପକ୍ଷରୁ ସୋମବାର ବିଶ୍ୱବିଦ୍ୟାଳୟ ସମ୍ମୁଖରେ ବିକ୍ଷୋଭ ଓ ଜାତୀୟ ଶିକ୍ଷା ନୀତି-୨୦୨୦ ନକଲ ପୋଡ଼ା ଯାଇଥିଲା। ଏଥିସହ ସଂଘ ପକ୍ଷରୁ ରାଜ୍ୟ ଉଚ୍ଚ ଶିକ୍ଷାମନ୍ତ୍ରୀ ଓ ଗଣଶିକ୍ଷା ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଶ୍ୱବିଦ୍ୟାଳୟ କୁଳପତି ଓ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ସଂଘ ପକ୍ଷରୁ କୁହାଯାଇଛି, ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟରେ ବର୍ତ୍ତମାନ ୧୮ ବିଭାଗ ସହ ସ୍ନାତକୋତ୍ତର ଓ ଏମ୍‌ଫିଲ ପାଠ୍ୟକ୍ରମରେ ପ୍ରାୟ ୫ ହଜାର ବିଦ୍ୟାର୍ଥୀ ଅଧ୍ୟୟନରତ। କିନ୍ତୁ ବିଭାଗଗୁଡ଼ିକରେ ଅଧାରୁ ଅଧିକ ଅଣଶିକ୍ଷକ ପଦବୀ ଖାଲି ପଡିଛି। ଏ ବାବଦରେ ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବା ସଂଘ ଅଭିଯୋଗ କରିଛି। ଅନ୍ୟପଟେ ନୂତନ ପରୀକ୍ଷାଗାର ନିର୍ମାଣ ହେଉନି କି ଆବଶ୍ୟକ ଉପକରଣ ମଧ୍ୟ ନାହିଁ। ବିଶ୍ୱବିଦ୍ୟାଳୟ ନିମନ୍ତେ ଶୈକ୍ଷିକ ଓ ସାଂସ୍କୃତିକ ବାତାବରଣ ଆବଶ୍ୟକତାର ଅଭାବ ରହିଥିବା ସଂଘ କହିଛି। ସେହିପରି ଖଲ୍ଲିକୋଟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅଧାପକ ପଦବୀ ଖାଲି ପଡିବା ସହ ଲାବୋରେଟୋରିରେ ଆବଶ୍ୟକ ଉପକରଣର ଅଭାବ ରହିଛି। ଏଥିସହ ପାଠାଗାରରେ ମଧ୍ୟ ଆବଶ୍ୟକ ସଂଖ୍ୟକ ପୁସ୍ତକ ନାହିଁ। ଫଳରେ ଛାତ୍ରୀଛାତ୍ରମାନେ ପଢ଼ା କ୍ଷେତ୍ରରେ ସମସ୍ୟା ହେଉଥିବା ସଂଘ ଅଭିଯୋଗ କରିଛି। ଅନ୍ୟପଟେ ଜାତୀୟ ଶିକ୍ଷା ନୀତି-୨୦୨୦କୁ ଅବିଳମ୍ବେ ପ୍ରତ୍ୟାହାର କରିବା ପାଇଁ ଏଆଇଡିଏସ୍‌ଓ ଦାବି କରିଛି। ଏହି ବିକ୍ଷୋଭରେ ସଂଘ ରାଜ୍ୟ ଉପସଭାପତି ସୋମନାଥ ବେହେରା, ଜିଲା ସମ୍ପାଦକ ନିମାଇଁ ଚରଣ ସାହୁଙ୍କ ସମେତ ନାରାୟଣ ସାହୁ, ପପୁନ୍ ସାହୁ, ଶୁଭସ୍ମିତା ପାଣିଗ୍ରାହୀ ଓ ବିଶ୍ୱବିଦ୍ୟାଳୟର ବହୁ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

